## ଦୁର୍ଘଟଣାରେ ୨ ମୃତ

**ଫୁଲବାଣୀ ଅଫିସ:** ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ଣରେ ଏକ ଅଜଣା ଗାଡି ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖଜୁରିପଡା ବ୍ଲକ ଚିଟ୍ରାପାଙ୍ଗା ପଞ୍ଚାୟତ ଗୁଣ୍ଡିବାଡି ଗାଁର କ୍ଷେତ୍ରବାସୀ ଦିଗାଳ ଓ ଦଳପଡା ପଞ୍ଚାୟତର ମଧୁସୂଦନ ବେହେରା । ଫିରିଙ୍ଗିଆ ପଟୁ ବାଲିଗୁଡା ଅଭିମୁଖେ ଯାଉଥିବା ଧଳା ରଙ୍ଗର କାର ବାଲିଗୁଡା ପଟୁ ଆସୁଥିବା ବାଇକକୁ ଧକ୍କା ଦେଇଥିଲା। ବାଇକରେ ଥିବା କ୍ଷେତ୍ରବାସୀ ଓ ମଧୁସୂଦନ ଗୁରୁତର ହୋଇଥିଲେ। ଉଭୟଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନେ ରତଙ୍ଗରୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ଅଠରନଳା, ମହେନ୍ଦ୍ରଗଡ଼ ପୋଲ ଉପରେ ପାଣି

**ଆର.ଉଦୟଗିରି,୧୩ା୧୦(ଡି.ଏନ.ଏ.):** ଲଗାଣ ବର୍ଷା ଯୋଗୁ ହରଭଙ୍ଗୀ ନଦୀ ଜଳସ୍ତର ବଢିବା ସହ ଶାଖା ନାଳରେ ବନ୍ୟାଜଳ ପ୍ରବାହିତ ହେଉଛି। ମୋହନା ବ୍ଲକର ଚୁଡଙ୍ଗପୁରୁ, କେଶରୀଗୁଡା, ବାଘମାରି ଓ ବଡସିନ୍ଦୁବା ପଞ୍ଚାୟତ ବାସିନ୍ଦା ମୋହନା ସହ ଯୋଗାଯୋଗ ପାଇଁ ନିର୍ଭର କରୁଥିବା ଅଠରନଳା ପୋଲ ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ୪ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ହରଭଙ୍ଗୀ ନଦୀ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଛି। ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆପ୍ରୋଚ୍ ରୋଡ୍ ହୋଇ ପାରିନଥିବା ଯୋଗୁ ଯାତାୟାତ ହୋଇପାରୁନି। ସେହିପରି ମହେନ୍ଦ୍ରଗଡ ନଦୀ ପୋଲ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେବାଦ୍ୱାରା ୨ ଘଣ୍ଟା ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ଯାତାୟାତ ବନ୍ଦ ହୋଇଯାଇଥିଲା। ଆର୍.ଉଦୟଗିରି ଗ୍ରାମର ସୁବାସ ଗୌଡଙ୍କ ଘର ଭୁଷୁଡି ପଡିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବ୍ଲକ ପ୍ରଶାସନ ଅନଘା ପଞ୍ଚାୟତର ପର୍ବତ ଉପରେ ଥିବା ୬୧ ପରିବାରଙ୍କୁ ଆଣି ସ୍କୁଲ ଘରେ ରଖି ରନ୍ଧାଖାଦ୍ୟ ବ୍ୟବସ୍ଥା କରିଛି।

### ବିପଦସଙ୍କେତ ତଳେ ଋଷିକୁଲ୍ୟା

**ଆସିକା,୧୩ା୧୦(ଡି.ଏନ୍.ଏ):** ଆସିକା ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଛି। ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପଯୁକ୍ତ ଭାବେ ହୋଇପାରୁନଥିବାରୁ ବିନାୟକ ବଜାର, ପାଢୀ କଲୋନୀ ଆଦି ଅଞ୍ଚଳରେ ବର୍ଷା ଓ ନର୍ଦ୍ଦମା ଜଳ ରାସ୍ତାରେ ଭାସୁଛି। ଆସିକା ସହରର ଉଭୟ ପାର୍ଶ୍ୱରେ ରହିଥିବା ଋଷିକୁଲ୍ୟା ଓ ବଡନଦୀରେ ସାମାନ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି। ଋଷିକୁଲ୍ୟାର ଆସିକା ଠାରେ ବିପଦ ସଙ୍କେତ ୭.୬ ଫୁଟ ରହିଥିଲା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୫ ଫୁଟ ଓ ସହରର ଅପର ପାର୍ଶ୍ୱରେ ଥିବା ବଡନଦୀର ବିପଦ ସଙ୍କେତ ୧୧ ଫୁଟ ରହିଥିଲା ବେଳେ ମାତ୍ର ୧ ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି।

### ପାରଳାଖେମୁଣ୍ଡି ସହରରେ 'ଜାଗା ମିଶନ' ଆରମ୍ଭ

**ପାରଳାଖେମୁଣ୍ଡି,୧୩ା୧୦ (ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କର 'ଜାଗା ମିଶନ' କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦରେ ଆରମ୍ଭ ହୋଇଛି। ଜିଲାପାଳ ଅନୁପମ ସାହା ଶୁଭାରମ୍ଭ କରି ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ବସ୍ତିକୁ ବାସପୋଯୋଗୀ ବସତିରେ ପରିଣତ କରିବାକୁ ବସ୍ତି ବାସୀନ୍ଦାଙ୍କୁ ଭୂମି ଯୋଗ୍ୟତା ଥିବା ପ୍ରମାଣପତ୍ର ବଣ୍ଟନ କରାଯାଇଛି। ପାରଳା ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଜଣାଇଛନ୍ତି, ପୌର ପରିଷଦରେ ମୋଟ ୮୯୦ ଜଣଙ୍କୁ ପ୍ରମାଣପତ୍ର ଦିଆଯିବ। ପ୍ରଥମ ଦିନରେ ୨୧୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୧୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।

### ୭ ବାର୍ହା ମୃତ, କାରଣ ଅସ୍ପଷ୍ଟ



**ବ୍ରହ୍ମପୁର ଅଫିସ,୧୩ା୧୦:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ପାଖରେ ମଙ୍ଗଳବାର ୭ ବାର୍ହା ମରି ପଡିଥିବା ଦେଖିବାକୁ ମିଳିଛି। ଦୁର୍ଗନ୍ଧ ହେବାରୁ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ମିଶ୍ର ଅଭିଯୋଗ କରିବା ପରେ ବନ କର୍ମଚାରୀମାନେ ଆସି ବାରହାଗୁଡିକୁ ନେଇଯାଇଛନ୍ତି। ବନ ବିଭାଗ କହିବା କଥା ବିଷାକ୍ତ ଖାଦ୍ୟ ଖାଇବା ଦ୍ୱାରା ଏମାନଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଷ୍ଟମର୍ଟମ ପରେ ଜଣାପଡ଼ିବ ବୋଲି କୁହାଯାଉଛି।



ପାତ୍ରପୁର ବଣିଆବସା ଗ୍ରାମରେ ବର୍ଷାପାଣି।



ଶେରଗଡ ନିକଟ ୫୯ନଂ ଜାତୀୟ ରାଜପଥ ଉପରେ ପାଣି।



ପାରଳାଖେମୁଣ୍ଡି ତାମୋଇସିଂ ଠାରେ ମାଟି ଧସି ରାସ୍ତା ଅବରୋଧ ହୋଇଛି।

# ଲଗାଣ ବର୍ଷାରେ ଗଞ୍ଜାମ ଜିଲା ବେହାଲ

**ଛତ୍ରପୁର,୧୩ା୧୦(ଡି.ଏନ.ଏ.)**

ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲାରେ ଲଗାଣ ବର୍ଷା ଲାଗି ରହିଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଥିବାବେଳେ ବ୍ରହ୍ମପୁର ସହରଠାରୁ ଆରମ୍ଭ କରି ହେଡକ୍ୱାର୍ଟର୍ସ ଛତ୍ରପୁର ଏବଂ ଅନ୍ୟ ସହରାଞ୍ଚଳରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଜମି ରହିଛି। ଡ୍ରେନ୍‌ଗୁଡିକ ପୋତି ହୋଇଯାଇଥିବାରୁ ମଇଳା ପାଣି ରାସ୍ତା ଓ ତଳିଆ ଅଞ୍ଚଳର ଘର ନିକଟରେ ଜମି ରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

ଜିଲାରେ ବାହୁଦା, ଋଷିକୁଲ୍ୟା ନଦୀର ଜଳସ୍ତର ବୃଦ୍ଧି ପାଉଛି। ବର୍ଷା ଯୋଗୁ ଏ ଯାବତ କୌଣସି କ୍ଷୟକ୍ଷତିର ସୂଚନା ମିଳି ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ସୂଚନା ଦେଇଛନ୍ତି। ପାହାଡିଆ ଅଞ୍ଚଳ, ପାତ୍ରପୁର, ଧରାକୋଟ ଓ ସୋରଡା ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଜିଲାରେ ଥିବା ଜଳଭଣ୍ଡାର ଓ ଋଷିକୁଲ୍ୟା ନଦୀ ଜଳସ୍ତର ମନିଟରିଂ କରାଯାଉଥିବା ଜିଲାପାଳ କହିଛନ୍ତି। ବାଘଲଟି ଡ୍ୟାମ୍‌ର ୬ ଇଞ୍ଚ ବିଶିଷ୍ଟ ୨ଟି ଗେଟ୍ ଖୋଲାଯାଇ ୨୫ କ୍ୟୁସେକ୍ ଜଳ ନଦୀକୁ ଛଡାଯାଇଛି। ପ୍ରବଳ ବର୍ଷା ଯୋଗୁ ପାତ୍ରପୁର ବ୍ଲକ ତୁମ୍ଭା ଅଞ୍ଚଳରେ ରାସ୍ତା ଅବରୋଧ ହୋଇଥିଲା। ଟିମ୍ ସେଠାରେ ଯାଇ ଏହାକୁ ହଟାଇଥିବା ଜିଲାପାଳ କହିଛନ୍ତି। ଘୋଡାହାଡ ଡ୍ୟାମ୍‌ରେ ମଧ ଜଳସେଚନ ବିଭାଗର ଟିମ୍ ପହଞ୍ଚି ଜଳଭଣ୍ଡାରରେ କେତେ ବର୍ଷା ପାଣି ପ୍ରବେଶ କରୁଛି ତାହା ଯାଞ୍ଚ କରିଛନ୍ତି। ସମୁଦ୍ର ଅଶାନ୍ତ ଥିବା ଯୋଗୁ ମତ୍ସ୍ୟଜୀବୀଙ୍କୁ ମାଛ ମାରିବାକୁ ଯିବାକୁ ବାରଣ କରାଯାଇଥିବା ଜିଲାପାଳ କହିଛନ୍ତି। ଗତ ୨୪ ଘଣ୍ଟାରେ ଜିଲାରେ ୬୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ଖଲ୍ଲିକୋଟରେ ସର୍ବାଧିକ ୧୨୮ ମି.ମି. ବର୍ଷା ହୋଇଛି। ଛତ୍ରପୁରରେ ୭୮ ମି.ମି., ଗଞ୍ଜାମରେ ୪୭.୪ ମି.ମି., ପୁରୁଷୋତ୍ତମପୁରରେ ୭୫ ମି.ମି., କବିସୂର୍ଯ୍ୟନଗରରେ ୧୦୪ ମି.ମି., ପୋଲସରାରେ ୨୫.୩ ମି.ମି., ବେଗୁନିଆପଡାରେ ୮୧.୨ ମି.ମି., ହିଞ୍ଜିଳି ରେ ୫୦ ମି.ମି., ସୋରଡାରେ ୨୭ ମି.ମି., ରଙ୍ଗେଇଲୁଣ୍ଡାରେ ୫୧ ମି.ମି., କୁକୁଡାଖଣ୍ଡିରେ ୭୩ ମି.ମି., ଚିକିଟିରେ ୯୯ ମି.ମି., ପାତ୍ରପୁରରେ ୧୧୮.୩ ମି.ମି., ସାନଖେମୁଣ୍ଡିରେ ୧୦୦ ମି.ମି. ବର୍ଷା ହୋଇଛି। ସେହିପରି ଦିଗପହଣ୍ଡିରେ ୬୩ ମି.ମି., ଆସିକାରେ ୯୨.୨ ମି.ମି., ଧରାକୋଟରେ ୭୮ ମି.ମି., ଭଞ୍ଜନଗରରେ ୫ ମି.ମି., ବେଲଗୁଣ୍ଠାରେ ୭ ମି.ମି., ବୁଗୁଡାରେ ୯ ମି.ମି., ଜଗନ୍ନାଥପ୍ରସାଦରେ ୨.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁ ଧାନ ଫସଲ ଓ ପରିବା ଚାଷ ପାଣିରେ ବୁଡି ରହିଛି। ବର୍ଷା ଲାଗି ରହିଲେ ଫସଲ ନଷ୍ଟ ହେବ ବୋଲି ଚାଷୀ ମାନେ କହିଛନ୍ତି।

**୬୩ ମି.ମି.ବର୍ଷା ରେକର୍ଡ**

## ଜଳପତ୍ତନ ବିପଦ ସଙ୍କେତ ନିକଟତର

### ଘୋଡ଼ାହାଡ଼ ଡ୍ୟାମ୍

**ଦିଗପହଣ୍ଡି,(ଡି.ଏନ.ଏ.)/ପାଟପୁର ୧୩ା୧୦**

ଦିଗପହଣ୍ଡି ବ୍ଲକ ଘୋଡାହାଡ ଡ୍ୟାମରେ ଜଳପତ୍ତନ ବିପଦସଙ୍କେତ ନିକଟତର ରହିଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଳପତ୍ତନ ୧୧୬.୨୦ ମିଟରରେ ରହିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଡ୍ୟାମ ଇଲାକାରେ ୮୩ ମିଲିମିଟର ବର୍ଷା ହୋଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ ପ୍ରମୁଖ ଡ୍ୟାମରେ ପହଞ୍ଚି ବନ୍ୟାଜଳ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଘୋଡ଼ାହାଡ଼ ଜଳସେଚନ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ଡ୍ୟାମର ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ରାମନଦୀ ସମେତ ଅନ୍ୟାନ୍ୟ ଶାଖା ନଦୀଗୁଡିକରୁ ସେକେଣ୍ଡ ପ୍ରତି ୧୦୮ ଘନ ମିଟର ବନ୍ୟାଜଳ ଡ୍ୟାମ ମଧ୍ୟକୁ ପ୍ରବେଶ କରୁଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଡ୍ୟାମରୁ ଯେ କୌଣସି ମୁହୂର୍ତ୍ତରେ ଉଦ୍‌ବୃତ୍ତ ବନ୍ୟାଜଳ ନିଷ୍କାସନ କରାଯିବ ବୋଲି ଜଳସେଚନ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀଏ.ଗୋପାଳ ରାଓ କହିଛନ୍ତି। ଘୋଡାହାଡ ନଦୀତଟବର୍ତ୍ତି ଗ୍ରାମବାସୀଙ୍କୁ ସତର୍କ କରାଯାଇଛି। ଦିଗପହଣ୍ଡି–ଆସିକା ମୁଖ୍ୟରାସ୍ତା ସାନଖେମୁଣ୍ଡି ବ୍ଲକ ବୁଦ୍ଧେଶ୍ୱର ଗ୍ରାମ ନିକଟ ଦେଇ ଯାଇଥିବା ପୋଚକା ନାଳ ପୋଲ ଧୋଇଯାଇଥିବାରୁ ଦିଗପହଣ୍ଡି–ଆସିକା ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି।




ତହସିଲଦାର ଡ୍ୟାମର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଶେରଗଡ଼ରେ ବର୍ଷା ପାଣି ନିଷ୍କାସନ ସମସ୍ୟା

**ଶେରଗଡ଼,୧୩ା୧୦(ଡି.ଏନ୍.ଏ.)**

ଶେରଗଡ଼ରେ ସୋମବାର ସକାଳୁ ମଙ୍ଗଳବାର ଅପରାହ୍ଣ ପର୍ଯ୍ୟନ୍ତ ୮୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି। ଗତ ଲଘୁଚାପଜନିତ ବର୍ଷା ଯୋଗୁ ଶେରଗଡ଼ର ଚର୍ତୁପାର୍ଶ୍ୱରେ ଥିବା ଜମିରେ ପାଣି ଭର୍ତ୍ତି ହୋଇଥିଲା। ଏବେ ପୁଣି ଲଗାଣ ବର୍ଷା ଯୋଗୁ ସମସ୍ୟା ବଢ଼ିଛି। ନନ୍ଦିନୀ ନଦୀ, ଘୋଡାହଡ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତୋଟାସାହି, ରମୁଣିସାହି, ଶେରଗଡ ତିନିଛକ ଦେଇ ଯାଉଥିବା ନାଳଗୁଡିକର ଜଳସ୍ତର ବଢୁଛି। ଶେରଗଡ ତିନିଛକରେ ଥିବା ଚାଷ ଜମିରେ ପାଞ୍ଚ ଫୁଟର ପାଣି ଜମି ରହିଛି। ଜମିରୁ କିଭଳି ପାଣି ନିଷ୍କାସନ ହୋଇପାରିବ ସେ ନେଇ ଏକ ଟିମ ୩ ମାସ ତଳେ ଆସି ଅନୁଧ୍ୟାନ କରିଥିଲେ। ହେଲେ ନାଳ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇନି। ବାରମ୍ବାର ଏପରି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

## ଭଞ୍ଜବିହାର ମାର୍କେଟରେ ପାଣି



ବେହାଲ ଦୀପା ମାର୍କେଟ।

**ବ୍ରହ୍ମପୁର ଅଫିସ,୧୩ା୧୦**

ଭଞ୍ଜବିହାର କ୍ୟାମ୍ପସରେ ଥିବା ଦୀପା ମାର୍କେଟ ଲଗାଣ ବର୍ଷାରେ ପାଣି ଜମି ଶୋଚନୀୟ ହୋଇପଡିଛି। ପାଣି ଯିବା ପାଇଁ କୌଣସି ବାଟ ନ ଥିବାରୁ ଏଭଳି ସ୍ଥିତି ହୋଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ପିଜି ଏଣ୍ଟ୍ରାନ୍ସ ଚାଲିଛି। ସେଥିପାଇଁ କ୍ୟାମ୍ପସ ପରିସର ଗହଳି ରହୁଛି। ପିଜି କାଉନସିଲ୍ ଅଫିସ ନିକଟରେ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଅବସ୍ଥିତ। ତେଣୁ ଛାତ୍ରୀଛାତ୍ରମାନେ ଏହି ସମୟରେ ଜେରକ୍ସଠାରୁ ଆରମ୍ଭ କରି ଅନେକ ଜିନିଷ ପାଇଁ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ଉପରେ ନିର୍ଭର କରୁଛନ୍ତି। ବର୍ଷା ପାଣି ଜମିବା ଦ୍ୱାରା କୌଣସି ଛାତ୍ରୀଛାତ୍ର ମାର୍କେଟକୁ ଯାଇପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗଜପତିରେ ୭୯୬.୮ ମି.ମି. ବର୍ଷା

**ପାରଳାଖେମୁଣ୍ଡି,୧୩ା୧୦(ସ୍ୱ.ପ୍ର.)**

ଗଜପତି ଜିଲାରେ ୨ଦିନ ହେଲା ଜାରି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ମଙ୍ଗଳବାର ସନ୍ଧ୍ୟାରେ କମିଛି। ଜିଲାରେ ଅକ୍ଟୋବର ୧୧ରୁ ୧୩ ପର୍ଯ୍ୟନ୍ତ ଭୀଷଣ ବର୍ଷିବ ବୋଲି ରାଜ୍ୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ତେବେ ମଙ୍ଗଳବାର ଜିଲାରେ ମୋଟ ୭୯୬.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ୯୯.୬୦ ମିଲିମିଟର ଅନୁପାତରେ ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ପ୍ରକାଶ। ମୋହନା ବ୍ଲକରେ ସର୍ବାଧିକ ୧୩୩.୨୦ ମିଲିମିଟର, ପାରଳାଖେମୁଣ୍ଡି ସହରାଞ୍ଚଳରେ ୧୧୭, ଗୋଷାଣୀରେ ୧୦୭, ରାୟଗଡ ବ୍ଲକରେ ୧୧୪.୪୦, ନୂଆଗଡରେ ୧୦୫, ଗୁମ୍ମାରେ ୯୪, ଆର୍.ଉଦୟଗିରି ବ୍ଲକରେ ୭୫.୨୦ ଏବଂ କାଶୀନଗର ବ୍ଲକରେ ୫୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ଜିଲା ଜରୁରିକାଳୀନ ବିଭାଗ ସୂତ୍ରରୁ ପ୍ରକାଶ।

## ୬୨ ପରିବାର ସ୍ଥାନାନ୍ତର



କୂଲଙ୍ଗ ଗ୍ରାମବାସୀ ଏକ ଚର୍ଚ୍ଚରେ ଆଶ୍ରୟ ନେଇଛନ୍ତି।

**ଗୁମ୍ମା,୧୩ା୧୦**

ଗୁମ୍ମା ବ୍ଲକ ଜାଗ୍ରିତୁଲ ଗ୍ରାମରେ ମଙ୍ଗଳବାର ପଥର ଧସିବାରୁ ୬ ପରିବାରକୁ ନିକଟସ୍ଥ ପଞ୍ଚାୟତ ଅଫିସକୁ ସ୍ଥାନାନ୍ତର କରାଯାଇଛି। ବର୍ଷା ଯୋଗୁ ଗୁମ୍ମାରୁ ବ୍ରହ୍ମପୁର, ମୁନିଗୁଡା ଯାଉଥିବା ବସ୍ ଗୁମ୍ମାରେ ଅଟକି ରହିଥିଲା। ବି.କଳାକୋଟ ପଞ୍ଚାୟତର କୂଲଙ୍ଗ ଗ୍ରାମର କେତେକ ସ୍ଥାନରେ ପାହାଡରୁ ମାଟି ଧସୁଥିବାରୁ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବ୍ଲକ ପ୍ରଶାସନ ଡ଼ାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ବିପଦପୂର୍ଣ୍ଣ ସ୍ଥାନରେ ଥିବା ଲୋକଙ୍କୁ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ବା ଚର୍ଚ୍ଚରେ ରହିବା ବ୍ୟବସ୍ଥା କରିଛି। ୬୨ପରିବାରର ୧୭୫ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ସେମାନଙ୍କୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯାଇଛି ବୋଲି ବିଡିଓ ନଟବର ଗରୋଡା ସୂଚନା ଦେଇଛନ୍ତି।

## ବାହ୍ୟଜଗତରୁ ବିଚ୍ଛିନ୍ନ ରାୟଗଡ଼ ବ୍ଲକ



ଗଙ୍ଗାବାଡ–ବାରଘର ରାସ୍ତା ଧୋଇଯାଇଛି।

**ରାୟଗଡ (ଗଜପତି), ୧୩ା୧୦(ଡି.ଏନ୍.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗଜପତିଜିଲା ରାୟଗଡ ବ୍ଲକର ୨୨ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ରବିବାରଠାରୁ ବର୍ଷା ଲାଗି ରହିଥିବାବେଳେ ପାହାଡରୁ ବର୍ଷାପାଣି ଝରି ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପ୍ରବାହିତ ହେଉଛି। ଗଙ୍ଗାବାଡ ଠାରୁ ବାରଘର ଗ୍ରାମକୁ ସଂଯୋଜ କରୁଥିବା ରାସ୍ତା ଧୋଇ ଯାଇଥିବାବେଳେ ବଡପାଡିଆ କଲଭର୍ଟ ଉପରେ ୩ଫୁଟର ପାଣି ଚାଲୁଛି। ଫଳରେ କଇଁପୁର ପଞ୍ଚାୟତ ମାଡବା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ନଷ୍ଟ ହୋଇଛି ଏବଂ ଗଣ୍ଡାହାତୀ ପଞ୍ଚାୟତ ସିଙ୍ଗପୁର ଗ୍ରାମ ଭିତରେ ୪ ଫୁଟ ଉଚ୍ଚରେ ପାଣି ଚାଲୁଛି। ବହୁ ଚାଷ ଜମି ଜଳମଗ୍ନ ହୋଇଯାଇଛି। ଗଙ୍ଗାବାଡ ଓ କଇଁପୁର ପଞ୍ଚାୟତର ପ୍ରାୟ ୪ଶହ ଲୋକଙ୍କୁ ପାହାଡିଆ ଅଞ୍ଚଳରୁ ଆଣି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀମାନେ ରହି ସ୍ଥିତି ଅନୁଧ୍ୟାନ କରୁଥିବା ଏବିଡିଓ ପୀତାମ୍ବର ବେହେରା କହିଛନ୍ତି।

## ଗହଣା ଦୋକାନରୁ ଲୁଟ୍

**ପୁରୁଷୋତ୍ତମପୁର, ୧୩ା୧୦(ଡି.ଏନ.ଏ.)**

ଏକ ଲୁଟେରା ଗ୍ୟାଙ୍ଗ ସୋମବାର ରାତିରେ ପୁରୁଷୋତ୍ତମପୁର ସହର ଚିଙ୍ଗୁଡିଆପଦର ସାହିରେ ଥିବା ସୁରେନ୍ଦ୍ର କୁମାର ନାୟକଙ୍କ ଗହଣା ଦୋକାନରୁ ସିନେମା ଷ୍ଟାଇଲ୍‌ରେ ଲୁଟ୍ କରିଛନ୍ତି। ଘର ପଛପଟୁ ତୃତୀୟ ମହଲାକୁ ଚଢି ଭେଣ୍ଟିଲେଟର ଗ୍ରୀଲ୍ କବାଟ ଭାଙ୍ଗି ଲୁଟେରା ଘରେ ପଶିଥିଲେ। ସେଠାରୁ ଦ୍ୱିତୀୟ ମହଲାକୁ ଆସି ଦୋକାନ ମାଲିକଙ୍କ ପରିବାର ଶୋଇଥିବା ବିଭିନ୍ନ କୋଠରୀ ବାହାର ପଟୁ ତାଲା ପକାଇ ଦେଇଥିଲେ। ପରେ ତଳ ମହଲାରେ ଥିବା ଗହଣା ଦୋକାନ କବାଟ ତାଡି ସେଠାରେ ଶୋଇଥିବା ମାଲିକଙ୍କ ପୁଅ ସାଇଶଙ୍କର ଓ ଅନ୍ୟମାନଙ୍କୁ କିଛି ରାସାୟନିକ ଦ୍ରବ୍ୟ ସ୍ପ୍ରେ କରି ଅଚେତ୍ କରିବା ପରେ ଆଲମାରି ମଧ୍ୟରେ ଥିବା ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ସହ ଦେଢ଼ ଲକ୍ଷ ଟଙ୍କାର ୨ଟି ଆଇଫୋନ୍ ଲୁଟି ନେଇଛନ୍ତି। ପ୍ରମାଣ ନଷ୍ଟ ଲାଗି ସିସି କ୍ୟାମେରା ହାର୍ଡଡିସ୍କ ମଧ୍ୟ ନେଇ ଯାଇଛନ୍ତି। ଏନେଇ ମଙ୍ଗଳବାର ସୁରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୭୬/୨୦) ରୁଜୁକରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି।

ପ୍ରକାଶ ଯେ, ଉକ୍ତ ଗହଣା ଦୋକାନ ପଛପଟେ ଥାନା, ଏସ୍‌ଡିପିଓ ଅଫିସ ରହିଥିଲେ ମଧ୍ୟ ଲୁଟେରା ଏହାକୁ ଖାତିର ନକରି ଏଭଳି କାଣ୍ଡ ଘଟାଇଛନ୍ତି। ଯାହାକି ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ।

## ସରକାରୀ ଅର୍ଥ ବାଟମାରଣା ଅଭିଯୋଗର ତଦନ୍ତ

### ବାଡ଼ାବାଙ୍ଗା ପଞ୍ଚାୟତ

**ଦାରିଙ୍ଗବାଡ଼ି,୧୩ା୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ବାଡାବାଙ୍ଗା ପଞ୍ଚାୟତରେ ସରକାରୀ ଅର୍ଥ ବାଟମାରଣା ସହ ବିଭିନ୍ନ ଯୋଜନାରେ ଚଞ୍ଚକତା କରି ଅର୍ଥ ହରିଲୁଟ କରାଯାଉଥିବା ଅଞ୍ଚଳବାସୀ ଏକ ଅଭିଯୋଗପତ୍ର ବାଲିଗୁଡ଼ା ଉପ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଉପଜିଲାପାଳ ସ୍ଥାନୀୟ ବିଡିଓ ଅଭିମନ୍ୟୁ ବେହେରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ବିଡିଓ ବେହେରା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃପାସିନ୍ଧୁ ବେହେରା ପ୍ରମୁଖ ବାଡାବାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିବା ସହ ତଦନ୍ତ କରିଛନ୍ତି। ବାଡାବାଙ୍ଗା ସରପଞ୍ଚ ସରକାରୀ ଚାକିରି କରିବାପରେ ଇସ୍ତଫା ଦେଇଥିଲେ। ସେହିଦିନ ଠାରୁ ନାଏବ ସରପଞ୍ଚ ଦାୟିତ୍ୱରେ ଅଛନ୍ତି। ମାର୍ଚ୍ଚରେ ନିର୍ବାଚନ ହେବାକୁ ଥିଲେ ମଧ୍ୟ କରୋନା ପାଇଁ ବାତିଲ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଠିକାଦାର ସୁକାନ୍ତ କୁମାର ସାହୁ ଚଞ୍ଚକତା କରି ସରକାରୀ ଅର୍ଥ ହରିଲୁଟ କରୁଛନ୍ତି। ନିର୍ବାଚନ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ଦାୟିତ୍ୱ ଦେବାକୁ ଗ୍ରାମବାସୀ କହିଛନ୍ତି। ଏନେଇ ବିଡିଓ ଅଭିମନ୍ୟୁ ବେହେରା କହିଛନ୍ତି, ତଦନ୍ତ କରି ଫେରିଛୁ, ରିପୋର୍ଟ ବୁଧବାର ଉପଜିଲାପାଳଙ୍କୁ ପ୍ରଦାନ କରାଯିବ। ଏନେଇ ସୁକାନ୍ତ କହିଛନ୍ତି, ମୁଁ କୌଣସି ଠିକା କାମ କରୁନାହିଁ। ଯେଉଁମାନେ କାମ କରୁଛନ୍ତି ସେମାନେ ମୋ ଠାରୁ ବାଲି, ସିମେଣ୍ଟ, ଲୁହାଛଡ ଆଦି କିଣି ନେଉଛନ୍ତି। ମୁଁ କୌଣସି ଠିକା କାମରେ ସଂଶ୍ଳିଷ୍ଟ ନାହିଁ।



ତଦନ୍ତ ବେଳେ ଉପସ୍ଥିତ ଅଞ୍ଚଳବାସୀ।

